# NATIONAL NEWS BULLETIN (ODIA)

## 7 March - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପରିବର୍ତ୍ତନଶୀଳ ଜଳବାୟୁର ସମ୍ପୂର୍ଣ୍ଣ ବ୍ୟବହାର କରି କୃଷି ଉତ୍ପାଦନ ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ନୂତନ ଫୌଜଦାରୀ ଆଇନ୍ ଅନୁଯାୟୀ ପଞ୍ଜିକୃତ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ଦ୍ୱାର ୮୭ ପ୍ରତିଶତରୁ ଅଧିକ ଦଣ୍ଡବିଧାନହାର ହୋଇଛି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍‌ର ଦ୍ୱିତୀୟ ସଂସ୍କରଣ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆସନ୍ତାକାଲି ଅନୁଷ୍ଠିତ ହେବ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ।

## ପିଏମ୍-ୱେବିନାର ଏଗ୍ରିକଲଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପରିବର୍ତ୍ତନଶୀଳ ଜଳବାୟୁର ସମ୍ପୂର୍ଣ୍ଣ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରିବା ସହ ରପ୍ତାନୀକୁ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଶ୍ୱ ବଜାରରେ ଭାରତୀୟ କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ନିମନ୍ତେ ଉଚ୍ଚ ମୂଲ୍ୟ ଯୁକ୍ତ ଶସ୍ୟ ଉତ୍ପାଦନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ଗତକାଲି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ କୃଷି ଏବଂ ଗ୍ରାମୀଣ ପରିବର୍ତ୍ତନ ବିଷୟବସ୍ତୁ ଉପରେ ବଜେଟ୍ ପରବର୍ତ୍ତି ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷି' ଭାରତର ଅର୍ଥନୀତିର ମେରୁଦଣ୍ଡ ଏବଂ ଦେଶର ଦୀର୍ଘକାଳୀନ ବିକାଶ ଯାତ୍ରା ପାଇଁ ଏକ ରଣନୈତିକ ସ୍ତମ୍ଭ ପାଲଟିଛି । ସରକାର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିରନ୍ତର ଅନେକ ପଦକ୍ଷେପ ନେଇଛନ୍ତି । ସେ କହିଛନ୍ତି ଚଳିତବର୍ଷର କେନ୍ଦ୍ର ବଜେଟ୍, କୃଷି ଏବଂ ଗ୍ରାମୀଣ ପରିବର୍ତ୍ତନକୁ ଏକ ଦୃଢ଼ ପ୍ରୋତ୍ସାହନ ପ୍ରଦାନ କରିଛି । ଶ୍ରୀ ମୋଦୀ କହିଛନ୍ତି ଭାରତ ବର୍ତ୍ତମାନ ଖାଦ୍ୟଶସ୍ୟ, ଡାଲି ଏବଂ ତୈଳବୀଜରେ ରେକର୍ଡ ଉତ୍ପାଦନ କରୁଛି ।

ଶ୍ରୀ ମୋଦୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧୀନରେ ପ୍ରାୟ ୧୦ କୋଟି ଚାଷୀ ଚାରି ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଅଭିଯୋଗର ସମାଧାନ କରାଯାଇଛି। କେନ୍ଦ୍ର ସରକାର ପ୍ରାୟ ୯ କୋଟିରୁ ଅଧିକ ଡିଜିଟାଲ୍ କୃଷକ ପରିଚୟପତ୍ର ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପ୍ରେଜ୍-ୱେଷ୍ଟବେଙ୍ଗଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଶ୍ଚିମବଙ୍ଗ ଗସ୍ତ କରିବେ । ଏହି ଦିନିକିଆ ଗସ୍ତ କାଳରେ ରାଷ୍ଟ୍ରପତି ଦାର୍ଜିଲିଂ ପରିଦର୍ଶନରେ ଯିବା ସହ ଆନ୍ତର୍ଜାତିକ ଶାନ୍ତାଳ ପରିଷଦର ନବମ ସମ୍ମିଳନୀରେ ଯୋଗଦେବେ ।

## ଶାହା-ଓଡ଼ିଶା ପ୍ରୋଜେକ୍ଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶାରେ ଗତକାଲି ୩ ହଜାର ୭୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ,

ଓଡ଼ିଶା ରାଜ୍ୟ ସମବାୟ କ୍ଷୀର ଉତ୍ପାଦକ ମହାସଂଘ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଶ୍ରୀ ଶାହା ଭାରତୀୟ କୃଷକ ସାର ସମବାୟ ଲିମିଟେଡର ପାରାଦୀପ ୟୁନିଟରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟର ମଧ୍ୟ ଉଦଘାଟନ କରିଛନ୍ତି।

ଶ୍ରୀ ଶାହା ଭୁବନେଶ୍ୱରରେ ଏକ ସମବାୟ ବିକାଶ ସେମିନାରକୁ ସମ୍ବୋଧିତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ଯେ, ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ କହିଛନ୍ତି ଯେ ପାରାଦୀପରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ଏବଂ ଦେଶକୁ ରାସାୟନିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ଯୋଗଦାନ ଦେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ଇଫ୍କୋ ଏବଂ କ୍ରିଭିକୋ ଭଳି ସଂଗଠନ ଭାରତକୁ ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବା ପାଇଁ ଏକାଠି କାମ କରିବେ।

ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଶାହା କହିଛନ୍ତି ଯେ କେନ୍ଦ୍ର ବାମପନ୍ଥୀ ଉଗ୍ରବାଦକୁ ଦୂର କରିବା ପାଇଁ ଉଦ୍ୟମ ଜୋରଦାର

କରୁଛି ଏବଂ ଚଳିତ ମାସ ଶେଷ ସୁଦ୍ଧା ଦେଶରେ ମାଓବାଦ ମୂଳୋତ୍ପାଟନ ହେବ ବୋଲି ସେ ବିଶ୍ୱାସ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମାଓବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟ ବିକାଶ ପଦକ୍ଷେପରୁ ଉପକୃତ ହେବା ନିଶ୍ଚିତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶାରେ ଜାତୀୟ ଫୋରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଏକ କ୍ୟାମ୍ପସର ଶିଳାନ୍ୟାସ କରିଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ ସରକାର ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଫୌଜଦାରୀ ବିଜ୍ଞାନ ପ୍ରୟୋଗଶାଳା ଏବଂ ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ସ୍ଥାପନ କରି ସାରା ଦେଶରେ ଫୌଜଦାରୀ ଭିତ୍ତିଭୂମିର ବିସ୍ତାର କରୁଛନ୍ତି। ସେ କହିଛନ୍ତି ଯେ ନୂତନ ଫୌଜଦାରୀ ଆଇନ ଅନୁଯାୟୀ ପଞ୍ଜିକୃତ ମାମଲାରେ ଓଡ଼ିଶା ୮୭ ପ୍ରତିଶତରୁ ଅଧିକ ଦଣ୍ଡବିଧାନ ହାର ହାସଲ କରିଛି ।

## ଗଭ୍ ନ୍ୟୁଜ୍ ଚ୍ୟାନେଲ୍

କେନ୍ଦ୍ର ସରକାର ବ୍ରଡକାଷ୍ଟ ଅଡିଅନ୍ସ ରିସର୍ଚ୍ଚ କାଉନସିଲକୁ ଆସନ୍ତା ୪ ସପ୍ତାହ ପର୍ଯ୍ୟନ୍ତ ସମ୍ବାଦ ପ୍ରସାରଣ କରୁଥିବା ଟିଭି ଚ୍ୟାନେଲ୍ ଗୁଡ଼ିକର ରେଟିଂ ପଏଣ୍ଟ ରିପୋର୍ଟିଂକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ

ଅନୁଯାୟୀ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ କହିଛି, ଇସ୍ରାଏଲ-ଇରାନ ସଂଘର୍ଷ ମଧ୍ୟରେ କିଛି ଟିଭି ନ୍ୟୁଜ୍ ଚ୍ୟାନେଲ ଅନାବଶ୍ୟକ ତଥା ଚାଞ୍ଚଲ୍ୟକର ଓ ଅନୁମାନମୂଳକ ବିଷୟବସ୍ତୁ ପ୍ରଦର୍ଶନ କରୁଛନ୍ତି। ମନ୍ତ୍ରଣାଳୟ କହିଛି, ଏପରି କଭରେଜ୍ ସାଧାରଣ ଜନତାଙ୍କ ମଧ୍ୟରେ, ବିଶେଷକରି ପ୍ରଭାବିତ ଅଞ୍ଚଳରେ ବନ୍ଧୁ ଏବଂ ପରିବାର ସହିତ କିମ୍ବା ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ରହିଛି। ନିର୍ଦ୍ଦେଶାବଳୀରେ କୁହାଯାଇଛି, ଏହି ସ୍ଥଗିତ ଚାରି ସପ୍ତାହ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ଫିଟ୍ ଇଣ୍ଡିଆ କାର୍ନିଭାଲ

ଫିଟ୍ ଇଣ୍ଡିଆ କାର୍ନିଭାଲର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ଜବାହାର ଲାଲ ନେହେରୁ ଷ୍ଟାଡିୟମରେ ଆରମ୍ଭ ହେବ । ଏଥିରେ ଚଳିତ ବର୍ଷର  ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯିବ। ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲର ୬୪ତମ ସଂସ୍କରଣ ଶେଷ ହେବା ପରେ ଚଳିତ ମାସ ୮, ୯ ଏବଂ ୧୦ ତାରିଖରେ କାର୍ନିଭାଲ ଆୟୋଜନ କରାଯିବ। ଏହି ସଂସ୍କରଣରେ ମହିଳା ଖେଳାଳି, ପ୍ରଭାବଶାଳୀ ଏବଂ ଫିଟନେସ୍ ଚାମ୍ପିଅନମାନଙ୍କ ଉପରେ

ବିଶେଷ ଧ୍ୟାନ ଦିଆଯିବ । ଗତ ବର୍ଷର ପ୍ରଥମ ସଂସ୍କରଣର ସଫଳତା ପରେ ଫିଟ୍ ଇଣ୍ଡିଆ କାର୍ନିଭାଲ ଫିଟନେସ୍ ଉତ୍ସାହୀ, କ୍ରୀଡାବିତ୍, ସେଲିବ୍ରିଟି ଏବଂ ନାଗରିକମାନଙ୍କୁ ସକ୍ରିୟ ଜୀବନଶୈଳୀ ପାଳନ କରିବା ବାର୍ତ୍ତା ନେଇ ଏକତ୍ରିତ କରୁଛି ।

## ଏଲ୍ଏସ୍ ସ୍ପିକର୍ ଡିସକସନ୍

ଲୋକସଭାରେ ବାଚସ୍ପତି ଓମ୍ ବିର୍ଲାଙ୍କ ବିପକ୍ଷରେ ଆଗତ ପ୍ରସ୍ତାବ ଉପରେ ଆସନ୍ତା ସୋମବାର ଦିନ ଆଲୋଚନା ହେବ । ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ୯ ତାରିଖରୁ ଆରମ୍ଭ ହେବ ।

ଗତ ମାସରେ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ, ବିରୋଧୀ ଦଳ ଲୋକସଭାର ମହାସଚିବଙ୍କୁ ଏକ ଅନାସ୍ଥା ନୋଟିସ୍ ପ୍ରଦାନ କରିଥିଲେ, ଯେଉଁଥିରେ ବାଚସ୍ପତିଙ୍କୁ ଦଳୀୟ ଭିତ୍ତିରେ କାର୍ଯ୍ୟ କରିବାର ଅଭିଯୋଗ ହୋଇଥିଲା । ଏହି ପ୍ରସ୍ତାବରେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମକେ, ବାମପନ୍ଥୀ ଏବଂ ଅନ୍ୟାନ୍ୟ ସଦସ୍ୟଙ୍କ ସମେତ ୧୧୮ ଜଣ ସାଂସଦ ସ୍ୱାକ୍ଷର କରିଥିଲେ ।

ନୋଟିସ୍ ତିନି ଜଣ କଂଗ୍ରେସ ସଦସ୍ୟ, ମହମ୍ମଦ ଜାୱେଦ, କେ ସୁରେଶ ଏବଂ ମଲ୍ଲୁ ରବିଙ୍କ ଦ୍ୱାରା ଆଗତ କରାଯିବ । ଯଦି ପ୍ରସ୍ତାବ ଗ୍ରହଣ କରାଯିବ ସେ କ୍ଷେତ୍ରରେ ଶ୍ରୀ ବିର୍ଲା ଗୃହର କାର୍ଯ୍ୟ ପରିଚାଳନା କରିବେ

ନାହିଁ। ଆଲୋଚନା ସମୟରେ ଶ୍ରୀ ବିର୍ଲା ଅନ୍ୟ ସଦସ୍ୟମାନଙ୍କ ସହ ଗୃହରେ ଉପସ୍ଥିତ ରହିବେ ।

ଅନ୍ୟ ପକ୍ଷରେ ବିଜେପି ଏବଂ କଂଗ୍ରେସ ସେମାନଙ୍କର ଲୋକସଭା ସାଂସଦମାନଙ୍କୁ ଚଳିତ ମାସ ୯ ଓ ୧୦ ତାରିଖରେ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ୍ ଜାରି କରିଥିବା ଜଣାପଡ଼ିଛି ।

## ଫ୍ଲାଇଟ୍-କ୍ୟାନସଲ୍ଡ

ପଶ୍ଚିମ ଏସିଆରେ ଚାଲିଥିବା ଘଟଣାକ୍ରମ ଏବଂ ଏହାର ପ୍ରଭାବରେ ଆକାଶ ସୀମା ପ୍ରତିବନ୍ଧକ ଯୋଗୁଁ ଗତକାଲି ୨୭୮ଟି ବିମାନ ବାତିଲ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏଭଳି ପରିସ୍ଥିତି ଯୋଗୁଁ ବିମାନ ପରିଚାଳନା ପ୍ରଭାବିତ ହୋଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ ମୋଟ ୪୦ ଟି ବିଦେଶୀ ବିମାନ ପଶ୍ଚିମ ଏସିଆ କ୍ଷେତ୍ରରୁ ଭାରତରେ ପହଞ୍ଚିଥିବାବେଳେ ୭ ହଜାର ୨୦୦ ରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି । ଯାତ୍ରୀମାନଙ୍କୁ ସଠିକ୍ ସୂଚନା ଦେବା ଏବଂ ସହାୟତା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି ।

# କ୍ରିକେଟ୍ ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆସନ୍ତାକାଲି ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।

ଅନ୍ୟ ପକ୍ଷରେ ଅଧିନାୟକ ମିଚେଲ୍ ସାଣ୍ଟେନର୍‌ଙ୍କ ନେତୃତ୍ୱାଧିନ ନ୍ୟୁଜିଲାଣ୍ଡ ଦଳ ଦକ୍ଷିଣ ଆଫ୍ରିକା ବିରୋଧରେ ୯ ୱିକେଟ୍‌ରେ ବିଜୟ ଲାଭ କରି ଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଟି-ଟ୍ୱେଣ୍ଟି ମ୍ୟାଚ୍ ଗୁଡ଼ିକରେ ଭାରତ ୧୮ଟିରେ ବିଜୟ ଲାଭ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟ ଲାଭ କରିଛି ।

# ବ୍ୟାଡ୍‌ମିଣ୍ଟନ

ବ୍ୟାଡମିଣ୍ଟନରେ, ଲକ୍ଷ୍ୟ ସେନ୍ ବର୍ମିଂହାମରେ ଅନୁଷ୍ଠିତ ଅଲ୍ ଇଂଲଣ୍ଡ ଓପନ୍ ଚାମ୍ପିଅନସିପ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ କ୍ୱାର୍ଟରଫାଇନାଲ୍‌ରେ ଲକ୍ଷ୍ୟ’ ଚୀନ୍‌ର ଲି

ଶିଫେଙ୍ଗ୍‌ଙ୍କୁ ୨୧-୧୩, ୨୧-୧୬ରେ ପରାସ୍ତ କରିଛନ୍ତି। ବିଶ୍ୱର ୧୨ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଲକ୍ଷ୍ୟ ଆଜି ଶେଷ ଚାରି ମୁକାବିଲାରେ କାନାଡାର ଭିକ୍ଟର ଲାଇଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।